بسم اللہ الرحمٰن الرحیم

ଖୁତବା ଜୁମା ୧୨ ଏପ୍ରିଲ୍ ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ (ବ୍ରିଟେନ୍)

# ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦରୀ ସାହାବାମାନଙ୍କର ବିଶ୍ୱାସବର୍ଦ୍ଧକ, ପ୍ରଶଂସନୀୟ ସୁଗୁଣାବଳୀ, ହୃଦୟଦ୍ରାବୀ ଓ ମନୁସ୍ପକର ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ମୁଁ ଯେଉଁ ବଦରୀ ସାହାବାମାନଙ୍କର ଚର୍ଚ୍ଚା କରିବି ତନ୍ମଧ୍ୟରୁ ସର୍ବପ୍ରଥମ ସାହାବୀ ହେଲେ ହଜ଼ରତ୍ ହୁସୈନ୍ ବିନ୍ ହାରିସ୍ ର.ଅ । ସେ ବନୁ ମୁତଲିବ୍ ବିନ୍ ଅବ୍ଦେ ମୁନାଫ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ନିଜର ଦୁଇ ଭାଇ ହଜ଼ରତ୍ ତୁଫୈଲ୍ ଏବଂ ଉବୈଦାହ୍ ର.ଅଙ୍କ ସହିତ ମଦିନା ଆଡ଼କୁ ପ୍ରବାସ କରିଥିଲେ । ଆଁହଜ଼ରତ୍ ସ.ଅ ହଜ଼ରତ୍ ହୁସୈନ୍ ର.ଅ ଏବଂ ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଜୁବୈର୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ହଜ଼ରତ୍ ହୁସୈନ୍ ର.ଅ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶାମିଲ ଥିଲେ । ତାଙ୍କର ବିୟୋଗ ୩୨ ହିଜରୀରେ ହୋଇଥିଲା । ପରବର୍ତ୍ତୀ ସାହାବୀ ହେଉଛନ୍ତି ହଜ଼ରତ୍ ସଫୱାନ୍ ର.ଅ । ତାଙ୍କ ପିତାଙ୍କ ନାମ ୱହବ୍ ବିନ୍ ରବିୟା ଥିଲା । ସେ ବନୁ ହାରିସ୍ ବିନ୍ ଫହର୍ ସଂପ୍ରଦାୟର ଥିଲେ । ହୁଜୁର୍ ସ.ଅ ହଜ଼ରତ୍ ସଫୱାନ୍ ଏବଂ ହଜରତ୍ ରାଫେ ବିନ୍ ମୁଉଲା ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ସେ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ତାଙ୍କର ଦେହାନ୍ତ ତିନିଗୋଟି ହିଜରୀ ବର୍ଷରେ ହୋଇଥିବାର ଅନୁମାନ କରଯାଏ । ସେଗୁଡ଼ିକ ଯଥାକ୍ରମେ ୧୮ ହିଜରୀ, ୩୦ ହିଜରୀ ଓ ୩୮ ହିଜରୀ ଅଟେ ।

ପରବର୍ତ୍ତୀ ସାହାବୀ ହେଉଛନ୍ତି ହଜ଼ରତ୍ ମୁବଶ୍ଶର୍ ବିନ୍ ଅବ୍ଦୁଲ୍ ମୁନଜ଼ର୍ ର.ଅ । ସେ ବନୁ ଅମ୍ର ବିନ୍ ଔଫ୍ ଶାଖା ଅନ୍ତର୍ଗତ ଔସ୍ ସଂପ୍ରଦାୟର ଥିଲେ । ରସୁଲ୍ କରୀମ୍ ସ.ଅ ହଜ଼ରତ୍ ମୁବଶ୍ଶର୍ ବିନ୍ ଅବ୍ଦୁଲ୍ ମୁନଜ଼ର୍ ଓ ଆକ଼ିଲ୍ ବିନ୍ ଅବୁ ବୁକୈର୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ସେ ବଦର୍ ଯୁଦ୍ଧରେ ଶାମିଲ୍ ଥିଲେ ଏବଂ ବଦର୍ ଯୁଦ୍ଧରେ ହିଁ ତାଙ୍କୁ ବୀରଗତି ପ୍ରାପ୍ତ ହୋଇଥିଲା । ହଜ଼ରତ୍ ମୁବଶ୍ଶର୍ ବିନ୍ ଅବ୍ଦୁଲ୍ ମୁନଜ଼ର୍ ନିଜର ଦୁଇ ଭାଇ ହଜ଼ରତ୍ ଅବୁ ଲବାବା ବିନ୍ ଅବ୍ଦୁଲ୍ ମୁନଜ଼ର୍ ଏବଂ ରିଫାଅ ବିନ୍ ଅବ୍ଦୁଲ୍ ମୁନଜ଼ର୍ ର.ଅଙ୍କ ସହିତ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ବଦର୍ ଯୁଦ୍ଧରେ ସେ ବୀରଗତି ପ୍ରାପ୍ତ କରିଥିଲେ । ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ଅମ୍ର ବିନ୍ ହରାମ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଓହୋଦ୍ ଯୁଦ୍ଧ ଘଟିବା ପୂର୍ବରୁ ସ୍ୱପ୍ନ ଦେଖିଥିଲି ଯେ, ହଜ଼ରତ୍ ମୁବଶ୍ଶିର୍ ବିନ୍ ଅବ୍ଦୁଲ୍ ମୁନଜ଼ର୍ ର.ଅ ଯେପରି ମୋତେ କହୁଛନ୍ତି ଯେ, ତୁମେ ଖୁବ୍ ଶୀଘ୍ର ଆମମାନଙ୍କ ନିକଟକୁ ଚାଲି ଆସିବ । ମୁଁ ପଚାରିଲି ଯେ, ଆପଣ କେଉଁଠି ଅଛନ୍ତି ? ସେ ଉତ୍ତର ଦେଲେ ଯେ, ମୁଁ ସ୍ୱର୍ଗରେ ଅଛି । ସ୍ୱର୍ଗର ଯେଉଁ ସ୍ଥାନରେ ବି ଆମେ ଇଚ୍ଛା କରୁ ସେଠାରେ ଆମେ ଖିଆପିଆ କରୁ । ମୁଁ ତାଙ୍କୁ କହିଲି ଯେ, ଆପଣ ବଦର୍ ଯୁଦ୍ଧରେ ଶହୀଦ୍ ହୋଇଯାଇ ନଥିଲେ କି ? ସେ ଉତ୍ତର ଦେଲେ ଯେ, ହଁ । କିନ୍ତୁ ମୋତେ ପୁନର୍ଜୀବିତ କରିଦିଆଯାଇଛି । ଯେତେବେଳେ ହଜ଼ରତ୍ ଅବ୍ଦୁଲ୍ଲାଃ ର.ଅ ଏହି ସ୍ୱପ୍ନ ରସୁଲୁଲ୍ଲାଃ ସ.ଅଙ୍କୁ ଶୁଣାଇଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ ଯେ, ହେ ଅବୁ ଜାବିର୍ ! ଏହା ହିଁ ଶାଶ୍ୱତମୂଳକ ବୀରଗତି ଅଟେ । ବୀରଗତି ପ୍ରାପ୍ତ କରିଥିବା ବ୍ୟକ୍ତି (ର ଆତ୍ମା) ଅଲ୍ଲାଃତାଲାଙ୍କ ନିକଟକୁ ଯାଇଥାଏ ଏବଂ ସେଠାରେ ମୁକ୍ତ ଭାବେ ବିଚରଣ କରିଥାଏ ।

ପରବର୍ତ୍ତୀ ସାହାବୀ ହେଉଛନ୍ତି ହଜ଼ରତ୍ ୱରକା ବିନ୍ ଅୟାସ୍ ର.ଅ । ସେ ଅନସାରର ବନୁ ଲୱାଜ଼ିନ୍ ବିନ୍ ଗନମ୍ ଶାଖା ଅନ୍ତର୍ଗତ ଅନସାର୍ ସଂପ୍ରଦାୟର ଥିଲେ । ହଜ଼ରତ୍ ୱରକା ର.ଅଙ୍କୁ ନିଜର ଦୁଇ ଭାଇ ହଜ଼ରତ୍ ରବିଇ ଓ ହଜ଼ରତ୍ ଅମର୍ ର.ଅଙ୍କ ସହିତ ବଦର୍ ଯୁଦ୍ଧରେ ଶାମିଲ୍ ହେବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ବ୍ୟତୀତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ । ୧୧ ହିଜରୀରେ ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କ ଶାସନ କାଳରେ ୟମାମା ଯୁଦ୍ଧରେ ସେ ବୀରଗତି ପ୍ରାପ୍ତ କରିଥିଲେ । ପରବର୍ତ୍ତୀ ସାହାବୀ ହେଉଛନ୍ତି ମୁହର୍ରିଜ୍ ବିନ୍ ନଜ଼ଲତା ର.ଅ । ରସୁଲ୍ କରୀମ୍ ସ.ଅ ହଜ଼ରତ୍ ମୁହର୍ରିଜ୍ ବିନ୍ ନଜ଼ଲତା ଓ ହଜ଼ରତ୍ ଆମ୍ମାର୍ ବିନ୍ ହିଜ଼ମ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ ଯୁଦ୍ଧରେ

ଶାମିଲ୍ ଥିଲେ । ହଜରତ୍ ଅବୁ ବକ୍କର୍ ସିଦ୍ଦିକ୍ ର.ଅ ତାଙ୍କର ଗୋଟିଏ ସ୍ୱପ୍ନକୁ କେନ୍ଦ୍ର କରି ତାଙ୍କୁ ବୀରଗତି ପ୍ରାପ୍ତ କରିବାର ଶୁଭସମ୍ବାଦ ବା ସୂଚନା ପ୍ରଦାନ କରିଥିଲେ ।

ହଜରତ୍ ମୁହର୍ରିଜ୍ ର.ଅଙ୍କ ଶାହାଦତ୍‌ର ଘଟଣା ଏପରି ଭାବେ ବର୍ଣ୍ଣିତ ହୋଇଅଛି ଯେ, ହଜରତ୍ ଅୟାସ୍ ବିନ୍ ସଲମା ଜି କରଦ୍ ଯୁଦ୍ଧ ସଂପର୍କରେ ବର୍ଣ୍ଣନା କରନ୍ତି ଯେ, ମୋର ପିତା ମୋ ଠାରୁ ବର୍ଣ୍ଣନା କରନ୍ତି ଯେ, ସୁଲାହ୍ ହୁଦୈବିୟାର ଘଟଣା ପରେ ଆମେ ମଦିନା ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ବାହାରିଲୁ ଓ ଆମେ ଏକ ସ୍ଥାନରେ ବିଶ୍ରାମ କଲୁ । ଆମ୍ଭ ଓ ବନୁ ଲହୟାନ୍ ସଂପ୍ରଦାୟର ମଧ୍ୟ ଭାଗରେ ଏକ ପର୍ବତ ବିଦ୍ୟମାନ ରହିଥିଲା । ଯେଉଁ ବ୍ୟକ୍ତି ସେହି ପର୍ବତ ଉପରେ ରାତ୍ର ସମୟରେ ଚଢି ପରିସ୍ଥିତି ଉପରେ ନଜର ରଖିବ, ରସୁଲ୍ କରୀମ୍ ସ.ଅ ଏହିପରି ବ୍ୟକ୍ତି ପାଇଁ ପ୍ରାର୍ଥନ କଲେ । ହଜରତ୍ ସଲମତା ବିନ୍ ଅକୱା କୁହନ୍ତି ଯେ, ମୁଁ ରାତ୍ରବେଳା ଦୁଇ କିମ୍ବା ତିନି ଥର ପର୍ବତ ଉପରେ ଚଢିଥିବି । ଏହାପରେ ଆମେ ମଦିନା ପହଞ୍ଚିଲୁ । ପୁନଶ୍ଚ ସେ କହନ୍ତି ଯେ, ରସୁଲ୍ କରୀମ୍ ସ.ଅ ରିବାହ୍ ର.ଅଙ୍କ ହାତରେ ଅର୍ଥାତ୍ ନେତୃତ୍ୱରେ ନିଜର ଓଟ ଏବଂ ହଜରତ୍ ତଲହା ର.ଅଙ୍କର ଅଶ୍ୱ ପଠାଇଥିଲେ । ଯେତେବେଳେ ସକାଳ ହେଲା ସେତେବେଳେ ଅବ୍ଦୁର୍ ରେହମାନ୍ ଫଜାରି ନାମକ ଜଣେ କୁଫ୍ଫାର୍ ବ୍ୟକ୍ତି ହୁଜୁର୍ ସ.ଅଙ୍କର ଓଟ ଉପରେ ଆକ୍ରମଣ କରି ସମସ୍ତ ଓଟକୁ ଘଉଡ଼ାଇ ନିଜ ସହିତ ନେଇ ପଳାଇ ଯାଇଥିଲା । ଏଥିସହ ହୁଜୁର୍ ସ.ଅଙ୍କ ଓଟ ଚରାଳିକୁ ମଧ୍ୟ ଶହୀଦ୍ କରିଦେଇଥିଲା । ବର୍ଣ୍ଣନାକାରୀ ବର୍ଣ୍ଣନା କରନ୍ତି ଯେ, ମୁଁ କହିଲି ଯେ, ଏ ରିବାହା ! ଏହି ଘୋଡ଼ାକୁ ଧର ଏବଂ ତାହାକୁ ତଲହା ବିନ୍ ଉବୈଦୁଲ୍ଲାଃ ବିନ୍ ଅବିଦ୍ ପାଖକୁ ପହଞ୍ଚାଇ ଦିଅ ଏବଂ ରସୁଲୁଲ୍ଲାଃ ସ.ଅଙ୍କୁ ଯାଇ କୁହ ଯେ, ଅବିଶ୍ୱାସକାରୀମାନେ ଆଁହଜରତ୍ ସ.ଅଙ୍କର ସମସ୍ତ ପଶୁଙ୍କୁ ହରଣ କରିନେଇଛନ୍ତି । ସେତେବେଳେ ମୁଁ ସେହି ଅବିଶ୍ୱାସକାରୀମାନଙ୍କୁ ସନ୍ଧାନ କରୁକରୁ, ତାଙ୍କ ଉପରେ ତୀର ବର୍ଷଣ କରି ଆଗକୁ ବାହାରିଲି ଏବଂ ମୁଁ ଏହି କବିତା ପଢୁଥିଲି ଯେ, ***ଅନା ଇବ୍ନୁଲ୍ ଅକୱା ୱଲ୍ ୟୌମା ୟୌମୁର୍ ରଢ଼ା*** । ଅର୍ଥାତ୍ ମୁଁ ଅକୱା ର.ଅଙ୍କର ପୁତ୍ର ଅଟଇ ଏବଂ ଆଜିର ଏହି ଦିନ ନୀଚ ତଥା ଧୂର୍ତ୍ତ ଅବିଶ୍ୱାସକାରୀଙ୍କ ପାଇଁ ଦୁର୍ଦ୍ଦଶାର ଦିନ ଅଟଇ । ମୁଁ ସେହି ଶତ୍ରୁମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତିକୁ ବି ଭେଟୁଥିଲି ଅର୍ଥାତ୍ ଯୁଦ୍ଧ କରୁଥିଲି ତାହାର ଓଟର କାଠିକୁ (ବସିବା ପାଇଁ ସ୍ଥାନ) ତୀରବିଦ୍ଧ କରୁଥିଲି । ଏପର୍ଯ୍ୟନ୍ତକି ତୀରର ଅଗ୍ରଭାଗଟି ବାହାରି ସେହି ଶତ୍ରୁର କାନ୍ଧକୁ ଭେଦ କରି ଶତ୍ରୁକୁ ଆହତ କରୁଥିଲା । ସେ ଅଲ୍ଲାଃତାଲାଙ୍କର ଶପଥ କରି କହନ୍ତି ଯେ, ମୁଁ ସେହି ଶତ୍ରୁମାନଙ୍କୁ ତୀରବିଦ୍ଧ କରି ଯାଉଥିଲି ଏବଂ ସେମାନଙ୍କୁ କ୍ଷତାକ୍ତ କରି ପକାଉଥିଲି ଏବଂ ଯେତେବେଳେ ମୋ ନିକଟକୁ କୌଣସି ଅଶ୍ୱାରୋହୀ ଆସୁଥିଲା ସେତେବେଳେ ମୁଁ କୌଣସି ଏକ ବୃକ୍ଷ ପଛ ପଟରେ ଲୁଚି ଯାଉଥିଲି ଓ ମୁଁ ତାହାକୁ ତୀର ଦ୍ୱାରା ଆକ୍ରମଣ କରି କ୍ଷତାକ୍ତ କରି ଦେଉଥିଲି । ପାହାଡ଼ର ରାସ୍ତା ଅପ୍ରଶସ୍ତ ଅର୍ଥାତ୍ ସଂକୀର୍ଣ୍ଣ ହୋଇଗଲା ଯେତେବେଳେ ସେହି ଶତ୍ରୁମାନେ ସେହି ସଂକୀର୍ଣ୍ଣ ପଥ ଦେଇ ପ୍ରବେଶ କରିବାକୁ ଉଦ୍ୟମ କଲେ ସେତେବେଳେ ମୁଁ ପାହାଡ଼ ଉପରକୁ ଚଢିଗଲି ଏବଂ ସେମାନଙ୍କ ଉପରକୁ ପଥର ଫିଙ୍ଗିବାକୁ ଲାଗିଲି । ଏହିପରିଭାବେ ମୁଁ ସେହି ଶତ୍ରୁମାନଙ୍କର ପିଛା କରିବାକୁ ଲାଗିଲି ଏପରିକି ମୁଁ ସମସ୍ତ ଓଟମାନଙ୍କୁ ପଛରେ ପକାଇ ଆଗକୁ ବଢିଗଲି । ମୁଁ ତୀର ଚଳାଇବା ଜାରି ରଖିଲି ଏପର୍ଯ୍ୟନ୍ତକି ସେମାନେ ତିରିଶିରୁ ଉର୍ଦ୍ଧ୍ୱ ଚାଦରଗୁଡ଼ିକୁ ଓ ତିରିଶିଟି ସର ହାଲୁକା ହେବା ପାଇଁ ଫୋପାଡ଼ି ଦେଲେ । ଅର୍ଥାତ୍ ସେମାନେ ନିଜର ଓଟଗୁଡ଼ିକୁ ତ' ଛାଡ଼ି ଚାଲି ଯାଇଥିଲେ, ନିଜର ଜିନିଷପତ୍ରଗୁଡ଼ିକୁ ମଧ୍ୟ ଏହି କାରଣ ଯୋଗୁଁ ଫିଙ୍ଗିବାକୁ ଲାଗିଲେ ଯେ, ଯେପରି ସେମାନେ ସହଜରେ ଦୌଡ଼ି ପାରିବେ ଏବଂ ଯେଉଁ ଜିନିଷଗୁଡ଼ିକୁ ସେମାନେ ଫିଙ୍ଗୁଥିଲେ ମୁଁ ଚିହ୍ନ ସ୍ୱରୂପ ସେହି ଜିନିଷପତ୍ରଗୁଡ଼ିକ ଉପରେ ପଥର ରଖି ଦେଉଥିଲି । କାରଣ ରସୁଲୁଲ୍ଲାଃ ସ.ଅ ଓ ତାଙ୍କର ସାହାବାମାନେ ଯେପରି ସେହି ଚିହ୍ନଗୁଡ଼ିକୁ ଦେଖି ଚିହ୍ନି ପାରିବେ । ଏପର୍ଯ୍ୟନ୍ତକି ସେହି ଶତ୍ରୁମାନେ ଏକ ସଂକୀର୍ଣ୍ଣ ଘାଟିରେ ପ୍ରବେଶ କଲେ ଯେଉଁଠାରେ ସେହି ଶତ୍ରୁମାନେ ବଦର୍ ଫଜାରୀର ଏକ ପୁତ୍ରକୁ ଦେଖିବାକୁ ପାଇଲେ । ସେହି ଶତ୍ରୁମାନେ ବସି ଖାଇବାକୁ ଲାଗିଲେ ଏବଂ ମୁଁ ଘାଟିର ଶିଖରରେ ବସିଥିଲି । ଫଜାରି କହିଲା ଯେ, ମୁଁ ଯାହାକୁ ପର୍ବତ ସାମ୍ନାରେ ଦେଖୁଅଛି ଏହି ବ୍ୟକ୍ତି ଜଣକ କିଏ ? ସେହି ଶତ୍ରୁମାନେ କହିଲେ ଯେ, ଏହି ବ୍ୟକ୍ତି ଜଣକ ଆମମାନଙ୍କୁ ସକାଳୁ ହଇରାଣ କରି ରଖିଛି । ଈଶ୍ୱରଙ୍କର ଶପଥ କରି କହୁଛୁ ଯେ, ଏହି ବ୍ୟକ୍ତି ସକାଳୁ ଆମମାନଙ୍କ ଉପରେ ଅହରହ ଓ ଅତର୍କିତ ଭାବେ ତୀର ବର୍ଷଣ କରୁଅଛି । ଏପର୍ଯ୍ୟନ୍ତକି ସେହି ବ୍ୟକ୍ତି ଜଣକ ଆମଠାରୁ ସବୁ କିଛି ଛଡ଼ାଇ ନେଇଛି ବା ଆମର ସର୍ବସ୍ୱ ହରଣ କରିନେଇଛି । ବଦର୍ ଫଜାରୀର ପୁତ୍ର ନିଜର ମିତ୍ରମାନଙ୍କୁ କହିଲା ଯେ, ତୁମମାନଙ୍କ ପାଇଁ ଏହା ଉଚିତ୍ ହେବ ଯେ, ତୁମମାନଙ୍କ ମଧ୍ୟରୁ ଚାରିଜଣ ବ୍ୟକ୍ତି ସଲମତା ଇବ୍ନୁଲ୍ ଅକୱା ରଅଙ୍କ ନିକଟକୁ ଯାଆନ୍ତୁ । ହଜରତ୍ ସଲମତା ବିନ୍ ଅକୱା ର.ଅ କହିଲେ ଯେ, ଯେତେବେଳେ ସେହି ଶତ୍ରୁମାନଙ୍କ ମଧ୍ୟରୁ ଚାରିଜଣ ବ୍ୟକ୍ତି ପର୍ବତ ଉପରକୁ ଚଢି ମୋ

ନିକଟକୁ ଆସିବାକୁ ଲାଗିଲେ ସେତେବେଳେ ମୁଁ ସେମାନଙ୍କୁ କହିଲି ଯେ, ତୁମେମାନେ ମୋତେ ଚିହ୍ନିଛ କି ? ସେମାନେ ଉତ୍ତର ଦେଲେ ଯେ, ନା ? ଆମେ ତ' ତୁମକୁ ଚହ୍ନି ନାହୁଁ । ଆପଣ କିଏ ? ମୁଁ ସେମାନଙ୍କୁ ଉତ୍ତରେ ଦେଲି ଯେ, ମୁଁ ସଲମତା ବିନ୍ ଅକ୍‌ୱା ର.ଅ ଏବଂ ସେହି ଅପୂର୍ବ ରୂପୀ ଈଶ୍ୱରଙ୍କର ଶପଥ କରି କହୁଛି ଯେ, ଯିଏ ହଜ଼ରତ୍ ମହମ୍ମଦ୍ ସ.ଅଙ୍କର ମୁଖମଣ୍ଡଳକୁ ସମ୍ମାନିତ କରିଛନ୍ତି । ମୁଁ ତୁମମାନଙ୍କ ମଧ୍ୟରୁ ଯାହାକୁ ଚାହିଁବି ତାହାକୁ ଧରି ପାରିବି । କିନ୍ତୁ ତୁମମାନଙ୍କ ମଧ୍ୟରୁ ଯଦି ମୋତେ କେହି ଧରିବାକୁ ଚାହିଁବ ତାହାହେଲେ ମୋତେ କେହି ଧରିପାରିବ ନାହିଁ । ଏହା ଶୁଣି ସେହି ଚାରିଜଣ ଶତ୍ରୁମାନେ ଫେରିଗଲେ ଏବଂ ମୁଁ ନିଜ ସ୍ଥାନରେ ବସି ରହିଥିଲି । ଠିକ୍ ସେତିକିବେଳେ ରସୁଲ୍ କରୀମ୍ ସ.ଅଙ୍କର ଅଶ୍ୱକୁ ବୃକ୍ଷ ମଧ୍ୟ ଦେଇ ଆସୁଥିବାର ଦେଖିଲି । ତନ୍ମଧ୍ୟରୁ ସର୍ବପ୍ରଥମ ଅଖରମ୍ ଅସଦି ର.ଅ ଥିଲେ ଏବଂ ଯେତେବେଳେ ମୁଁ ଅଖରମ୍ ର.ଅ ଅର୍ଥାତ୍ ହଜ଼ରତ୍ ମୁହର୍ରିଜ୍ ର.ଅଙ୍କର ଘୋଡ଼ାର ଲଗାମ୍ ଧରିଲି ସେତେବେଳେ ସେହି ଶତ୍ରୁମାନେ ଯେଉଁମାନେକି ସେଠାରେ ବସି ଖାଦ୍ୟ ସେବନ କରୁଥିଲେ ସେମାନେ ସେଠାରୁ ଭୟଭୀତ ହୋଇ ପଳାଇଗଲେ । ମୁଁ ହଜ଼ରତ୍ ମୁହର୍ରିଜ୍ ର.ଅଙ୍କୁ କହିଲି ଯେ ତୁମେ ସେମାନଙ୍କ ଠାରୁ ଦୂରେଇ ରୁହ ! କାରଣ ସେମାନେ ତୁମକୁ ଯେପରି ନିହତ ନ କରି ଦିଅନ୍ତୁ । ଯଦ୍ୱାରା ରସୁଲ୍ କରୀମ୍ ସ.ଅ ଓ ତାଙ୍କର ସାହାବାମାନେ ଆପଣଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରିବେ ନାହିଁ । ସେ କହିଲେ ଯେ, ହେ ସଲମା ! ଯଦି ତୁମେ ଅଲ୍ଲାଃତାଲା ଏବଂ ପ୍ରଳୟ ଦିବସ ଉପରେ ବିଶ୍ୱାସ ରଖୁଛ, ତୁମେ ଜାଣ ଯେ, ସ୍ୱର୍ଗ ଶାସ୍ୱତ, ନର୍କ ଶାସ୍ୱତ । ତେଣୁ ତୁମେ ମୋର ଏବଂ ବୀରଗତି ଅର୍ଥାତ୍ ଶାହାଦତ୍ ମଧ୍ୟରେ ଆସ ବା ଛିଡ଼ା ହୁଅ ନାହିଁ । ମୁଁ ତାଙ୍କୁ ଛାଡ଼ି ଦେଲି ଏପର୍ଯ୍ୟନ୍ତକି ସେ ଅର୍ଥାତ୍ ମୁହର୍ରିଜ୍ ର.ଅ ଓ ଅବ୍ଦୁର୍ ରହେମାନ୍ ପରସ୍ପର ସହିତ ଯୁଦ୍ଧ କରିବାକୁ ଲାଗିଲେ ଏବଂ ସେ ଅର୍ଥାତ୍ ମୁହର୍ରିଜ୍ ର.ଅ ଅବ୍ଦୁର୍ ରହେମାନ୍ ସମେତ ତାହାର ଅଶ୍ୱ ଉପରେ ଆକ୍ରମ କରି ତାହାକୁ ଆହତ କରିଦେଲେ । ଅବ୍ଦୁର୍ ରହେମାନ୍ ହଜ଼ରତ୍ ମୁହର୍ରିଜ ର.ଅଙ୍କୁ ଶର ମାରି ଶହୀଦ୍ କରିଦେଲା । ହଜ଼ରତ୍ ଅବୁ କତାଦାହ୍ ର.ଅ ଅବ୍ଦୁର୍ ରହେମାନର ପଛେପଛେ ଯାଇ ତାହାକୁ ଧରିନେଲେ ଏବଂ ତାହାକୁ ବଧ କରିଦେଲେ । ହଜ଼ରତ୍ ସଲମା କହନ୍ତି ଯେ, ସେହି ଅପୂର୍ବ ଓ ଅଲୌକିକ ଈଶ୍ୱରଙ୍କର ଶପଥ କରି କହୁଛି ଯେ, ଯିଏ ମହମ୍ମଦ୍ ସ.ଅଙ୍କର ମୁଖମଣ୍ଡଳକୁ ଅପୂର୍ବ ସମ୍ମାନ ପ୍ରଦାନ କରିଛନନ୍ତି । ମୁଁ ଦୌଡ଼ୁଥିବା ଅବସ୍ଥାରେ ତାଙ୍କ ପିଛା କରିବା ଜାରି ରଖିଲି । ଏପର୍ଯ୍ୟନ୍ତକି ସୂର୍ଯ୍ୟାସ୍ତ ପୂର୍ବରୁ ଏକ ଘାଟିରେ ମୁଁ ସେହି ଶତ୍ରୁମାନଙ୍କ ପାଖରେ ପହଞ୍ଚିଗଲି । ସେତେବେଳେ ସେମାନଙ୍କୁ ଅତ୍ୟଧିକ ଶୋଷ ଲାଗିଥିଲା । ସୁତରାଂ ଯେତେବେଳେ ସେମାନେ ମୋତେ ସେମାନଙ୍କ ପଛରେ ଧାଉଁଥିବାର ଦେଖିଲେ ମୁଁ ସେମାନଙ୍କୁ ସେଠାରୁ ଘଉଡ଼ାଇ ଦେଲି ଯାହାଫଳରେ ସେମାନେ ସେଠାରୁ ବୁନ୍ଦାଏ ଜଳ ମଧ୍ୟ ପାନ କରିପାରିଲେ ନାହିଁ । ସେହି ଶତ୍ରୁମାନେ ସେଠାରୁ ବାହାରିଲେ ଏବଂ ଅନ୍ୟ ଏକ ଘାଟି ଆଡ଼କୁ ଦ୍ରୁତ ବେଗରେ ଅଗ୍ରସର ହେଲେ । ମୁଁ ମଧ୍ୟ ତାଙ୍କ ପଛରେ ଧାଇଁଲି ଏବଂ ସେମାନଙ୍କ ମଧ୍ୟରୁ ଯାହାକୁ ପଛାଇ ଥିବାର ପାଉଥିଲି ସେହି ବ୍ୟକ୍ତିର କାନ୍ଧର ହାଡ଼ ଉପରେ ତୀର ସାହାଯ୍ୟରେ ଆକ୍ରମଣ କରୁଥିଲି ।

ମୁଁ କହୁଥିଲି ଯେ, ମୁଁ ଅକୱା ର.ଅଙ୍କର ପୁତ୍ର ଅଟଇ ଏବଂ ଆଜିର ଏହି ଦିନ ନୀଚ, ଧୂର୍ତ୍ତ ଅବିଶ୍ୱାସକାରୀଙ୍କର ଦୁର୍ଦ୍ଦଶାର ଦିନ ଅଟଇ । ସେହି ଶତ୍ରୁ ଜଣକ କହିଲା ସକାଳ ସମୟର ଅକ୍‌ୱା କି ? ଯିଏ ସକାଳୁ ଆମ ପଛରେ ପଡ଼ିଛି ? ମୁଁ ତାହାକୁ ଉତ୍ତର ଦେଲି ଯେ, ହଁ । ତୁମ ଜୀବନର ଶତ୍ରୁ ! (ଅର୍ଥାତ୍ ମୂର୍ଖ) ତୋର ସକାଳର ଅକ୍‌ୱା (କାଳ) । ସେହି ଶତ୍ରୁମାନେ ଦୁଇଟି ଅଶ୍ୱ ପଛରେ ଛାଡ଼ିଦେଲେ । ମୁଁ ସେହି ଦୁଇଟି ଅଶ୍ୱକୁ ଘଉଡ଼ାଇ ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ନେଇ ଆସିଲି । ହୁଜୁର୍ ସ.ଅ ସେହି ପାଣି ଚୁଆଲା ପାଖରେ ବିରାଜମାନ ଥିଲେ ଯେଉଁଠାରୁ ମୁଁ ସେହି ଡ଼କାୟତମାନଙ୍କୁ ଘଉଡ଼ାଇ ଥିଲି । ମୁଁ ଦେଖିଲି ଯେ, ରସୁଲ୍ କରୀମ୍ ସ.ଅ ସେହି ଓଟ ଏବଂ ଅନ୍ୟ ସମସ୍ତ ଜିନିଷ ଗୁଡ଼ିକ ଯେଉଁସବୁକୁ ମୁଁ ସେହି ଡ଼କାୟତମାନଙ୍କ ଠାରୁ ଛଡ଼ାଇ ଆଣିଥିଲି ସେହି ଓଟମାନଙ୍କ ମଧ୍ୟରୁ ଗୋଟିଏ ଓଟକୁ ହଜ଼ରତ୍ ବିଲାଲ୍ ର.ଅ ଆଁହଜ଼ରତ୍ ସ.ଅଙ୍କ ପାଇଁ ଜେବହ୍ କଲେ ଏବଂ ସେ ରସୁଲ୍ କରୀମ୍ ସ.ଅଙ୍କ ପାଇଁ କଲିଜା ଏବଂ ଓଟର ଢିପ ବା କୁଦର ମାଂସକୁ ଭାଜୁଥିଲେ ବା ତାପ ଉଦଗ୍ଧ କରୁଥିଲେ । ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ କହିଲି ଯେ, ହେ ରସୁଲୁଲ୍ଲାଃ ସ.ଅ ! ମୋତେ ସୈନ୍ୟବାହିନୀ ମଧ୍ୟରୁ ୧୦୦ ଜଣଙ୍କୁ ବାଛିବାକୁ ଅନୁମତି ପ୍ରଦାନ କରନ୍ତୁ । କାରଣ ମୁଁ ସେ ଡ଼କାୟତ ଅବିଶ୍ୱାସକାରୀଙ୍କର ପିଛା କରି ସେମନାଙ୍କୁ ବଧ କରିଦେବି । ରସୁଲ୍ କରୀମ୍ ସ.ଅ ଏତେ ଜୋରରେ ଖିଲିଖିଲି ହୋଇ ହସିଲେ ଯଦ୍ୱାରା ତାଙ୍କର ପବିତ୍ର ଦାନ୍ତ ମଧ୍ୟରୁ ନିଆଁ ଆଲୋକରେ ଦିଶିବାକୁ ଲାଗିଲା । ହୁଜୁର୍ ସ.ଅ କହିଲେ ଯେ, ହେ ସଲମା କ'ଣ ତୁମେ ଭାବୁଛ ଯେ, ତୁମେ ଏପରି କରିପାରିବ ? ମୁଁ କହିଲି ହଁ ସେହି ସର୍ବଶକ୍ତିମାନ ଈଶ୍ୱରଙ୍କର ଅସ୍ତିତ୍ୱର ଶପଥ କରି କହୁଛି ଯିଏ ଆପଣଙ୍କୁ ସମ୍ମାନ ପ୍ରଦାନ କରିଛନ୍ତି । ଆଁହଜ଼ରତ୍ ସ.ଅ କହିଲେ ଯେ, ହେ ଇବ୍ନେ ଅକ୍‌ୱା ! ଯେତେବେଳେ ତୁମ ବିଜୟ ଲାଭ କରିସାରିଛ ସେତେବେଳେ ସେମାନଙ୍କ କଥା ଛାଡ଼ ଓ ସେମାନଙ୍କୁ ଯିବାକୁ ଦିଅ ଏବଂ

କ୍ଷମା କରିଦିଅ । ସେମାନଙ୍କ ପଛରେ ଧାଇଁବା ଓ ସେମାନଙ୍କୁ ବଧ କରି କ'ଣ ବା ସୁଫଳ ମିଳିବ ? ହୁଜୁର୍ ଅନଓ୍ୱର୍ ଅ.ବ କହିଲେ ଯେ, ସୁତରାଂ ଏହା ହିଁ ଆହଜ୍‌ରତ୍ ସ.ଅଙ୍କର ନମୁନା ଅଟେ ଯେ, ସେ ଶତ୍ରୁମାନଙ୍କୁ କିପରି କ୍ଷମା କରିଦେଉଥିଲେ ଏବଂ ଆଁହଜ୍‌ରତ୍ ସ.ଅ କେବେହେଲେ ଯୁଦ୍ଧକୁ ଭଲ ପାଉ ନଥିଲେ ଓ ନା ହିଁ ଆଁହଜ୍‌ରତ୍ ସ.ଅଙ୍କର ଯୁଦ୍ଧ, ହତ୍ୟା କରିବାର ଅଭିପ୍ରାୟ ଥିଲା ।

ସେହିପରି ପରବର୍ତ୍ତୀ ଯେଉଁ ସାହାବୀଙ୍କର ଚର୍ଚ୍ଚା ହେବ ସେହେଉଛନ୍ତି ହଜ୍‌ରତ୍ ସୁଐବତ୍ ବିନ୍ ସାଆଦ୍ ର.ଅ । ହଜ୍‌ରତ୍ ସୁଐବତ୍ ର.ଅ ବନୁ ଅବ୍ଦେ ଦାର୍ ସଂପ୍ରଦାୟର ଥିଲେ । ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ଇସଲାମ୍ ଧର୍ମଗ୍ରହଣକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଅଧିକାଂଶ ଆତ୍ମଜୀବନୀ ଲେଖକମାନେ ତାଙ୍କୁ ହବଶାର ପ୍ରବାସକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଛନ୍ତି । ହଜ୍‌ରତ୍ ସୁଐବତ୍ ର.ଅ ମଦିନା ଆଡ଼କୁ ପ୍ରବାସ କରିଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ।

ହଜ୍‌ରତ୍ ଉମ୍ମେ ସୁଲୈମ୍ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଅବୁ ବକ୍କର ର.ଅ ନବୀ କରୀମ୍ ସ.ଅଙ୍କ ବିୟୋଗର ଏକ ବର୍ଷ ପୂର୍ବେ ବସରା (ସିରିୟା ଦେଶର ଏକ ଅଞ୍ଚଳ) ଆଡ଼କୁ ବାଣିଜ୍ୟ କରିବା ପାଇଁ ଯାଇଥିଲେ । ତାଙ୍କ ସହିତ ନଇମାନ୍ ଏବଂ ସୁଐବତ୍ ବିନ୍ ହରମଲାହ୍ ମଧ୍ୟ ଯାତ୍ରା କରିଥିଲେ । ଉକ୍ତ ଉଭୟ ସାହାବୀମାନେ ବଦର୍ ଯୁଦ୍ଧରେ ମଧ୍ୟ ଉପସ୍ଥିତ ଥିଲେ । ନଇମାନ୍ ଖାଦ୍ୟ ଜନିତ ପଦାର୍ଥର ଦେଖାଶୁଣା କରିବା ପାଇଁ ନିଯୁକ୍ତ ଥିଲେ । ସୁଐବତ୍ ର.ଅଙ୍କ ସ୍ୱଭାବରେ ବିନମ୍ରତା ପ୍ରଦର୍ଶିତ ହେଉଥିଲା । ସେ ନଇମାନକୁ କହିଲେ ଯେ, ମୋତେ ଖାଦ୍ୟ ଖୁଆଇ ଦିଅ । କାରଣ ଖିଆପିଆର ଦାୟୀତ୍ୱ ବା ବ୍ୟବସ୍ଥା ତାଙ୍କ ଉପରେ ନ୍ୟସ୍ତ ଥିଲା । ସେ ଉତ୍ତର ଦେଲେ ଯେ, ଯେପର୍ଯ୍ୟନ୍ତ ହଜ୍‌ରତ୍ ଅବୁ ବକ୍କର୍ ର.ଅ ଆସିବେ ନାହିଁ ସେପର୍ଯ୍ୟନ୍ତ ମୁଁ ଖାଇବାକୁ ବାଢିବି ନାହିଁ । ସେ କହିଲେ ଯେ, ଯଦି ତୁମେ ମୋତେ ଖାଇବାକୁ ଦେବ ନାହିଁ । ତାହାହେଲେ ମୁଁ ତୁମକୁ କ୍ରୋଧିତ କରାଇବି । ଯେତେବେଳେ ସେ ଯାଉଥିଲେ ସେହି ମୁହୂର୍ତ୍ତରେ ସେ ଏକ ସଂପ୍ରଦାୟ ନିକଟରୁ ଅତିକ୍ରମ କଲେ ଏବଂ ସୁଐବତ୍ ର.ଅ ସେମାନଙ୍କୁ କହିଲେ ଯେ, ତୁମେମାନେ ମୋ ଠାରୁ ମୋର ଗୋଟିଏ ଦାସକୁ କିଣିବ କି ? ସେମାନେ ଉତ୍ତର ଦେଲେ ଯେ, ହଁ କିଣିବୁ । ସୁଐବତ୍ ର.ଅ ତାଙ୍କୁ କହିଲେ ଯେ, ମୋର ଏହି ଦାସ ବହୁତ ଗପୁଡ଼ାଟା । ତେଣୁ ତୁମେ ମନେରଖ ଯେ, ସେ ସର୍ବଦା ଏହା କହୁଥିବ ଯେ, ମୁଁ ସ୍ୱାଧୀନ ଅଟେ । ତେଣୁ ଯେତେବେଳେ ସେ ଏହିପରି କଥା କହିବ ସେତେବେଳେ ତୁମେ ତାହାକୁ ଛାଡ଼ିବ ନାହିଁ । ସେହି ସଂପ୍ରଦାୟର ଲୋକମାନେ କହିଲେ ଯେ, ବରଂ ଆମେମାନେ ତାହାକୁ ତୁମଠାରୁ କିଣିବାକୁ ଚାହୁଁଛୁ । ସୁତାରାଂ ସେମାନେ ସେହି ଦାସକୁ ଦଶଟି ଓଟ ବଦଳରେ କିଣିଲେ । ପୁନଶ୍ଚ ସେହି ଲୋକମାନେ ନଇମାନଙ୍କ ପାଖକୁ ଆସିଲେ ଏବଂ ତାଙ୍କ ବେକରେ ଦଉଡ଼ି ପକାଇଲେ । ନଇମାନ୍ କହିଲେ ଯେ, ଏ ବ୍ୟକ୍ତି ତୁମ ସହିତ ଥଟ୍ଟା କରୁଛି । ମୁଁ ସ୍ୱାଧୀନ ଅଟେ ! ମୁ ଦାସ ନୁହେଁ । କିନ୍ତୁ ସେମାନେ ପ୍ରତ୍ୟୁତ୍ତରରେ କହିଲେ ଯେ, ତୁମର ମାଲିକ ଆମକୁ ତୁମ ବିଷୟରେ ପୂର୍ବରୁ ସବୁ କଥା କହି ଦେଇଥିଲେ ଯେ, ତୁମେ ଏହିପରି କଥା କହିବ । ସୁତରାଂ ସେମାନେ ସେହି ଦାସକୁ ଧରି ନିଜ ସାଙ୍ଗରେ ନେଇଗଲେ । ହଜ୍‌ରତ୍ ଅବୁ ବକ୍କର୍ ସିଦ୍ଦିକ୍ ର.ଅ ଫେରିଲେ ଏବଂ ଯେତେବେଳେ ଲୋକମାନେ ସେହି ସଂପ୍ରଦାୟର ଲୋକମାନଙ୍କ ସଂପର୍କରେ ହଜ୍‌ରତ୍ ଅବୁ ବକ୍କର୍ ର.ଅଙ୍କୁ ଅବଗତ କଲେ ସେତେବେଳେ ସେ ସେହି ସଂପ୍ରଦାୟର ଲୋକମାନଙ୍କ ପଛରେ ଧାଇଁ ସେମାନଙ୍କୁ ସେମାନଙ୍କର ଓଟ ଫେରାଇ ଦେଲେ ଏବଂ ନଇମାନଙ୍କୁ ଫେରାଇ ଆଣିଲେ । ହୁଜୁର୍ ଅନଓ୍ୱର୍ ଅ.ବ କହିଲେ ଯେ, ସେ ଯାହା ହେଉ ନା କହିଁକି ସାହାବାମାନଙ୍କ ଭିତରେ ଏହି ପ୍ରକାରର ଥଟ୍ଟା ଚଳୁଥିଲା । ସେ ଯାହା ହେଉ, ଯେତେବେଳେ ଏହି ଲୋକମାନେ ଅର୍ଥାତ୍ ସାହାବାମାନେ ନବୀ କରୀମ୍ ସ.ଅଙ୍କ ପାଖକୁ ଆସିଲେ ଏବଂ ଆପଣ ସ.ଅଙ୍କୁ ଉକ୍ତ ଘଟଣା ସଂକ୍ରାନ୍ତରେ କହିଲେ । କୁହାଯାଏ ଯେ, ସେତେବେଳେ ଆଁ ହଜ୍‌ରତ୍ ସ.ଅ ନିଜର ସାହାବାମାନଙ୍କ ସହିତ ଦୀର୍ଘ ଏକ ବର୍ଷ ପର୍ଯ୍ୟନ୍ତ ଏହି ଘଟଣାକୁ ମନେ ପକାଇ ଆନନ୍ଦିତ ହେଉଥିଲେ ।

ସାହାବାମାନଙ୍କ ଉପରୋକ୍ତ ଚର୍ଚ୍ଚା କରିବା ପରେ ମୁଁ ଯେଉଁ କଥାକୁ ସଂକ୍ଷିପ୍ତ ଭାବରେ କହିବାକୁ ଚାହୁଁଛି ତାହା ହେଉଛି ହଜ୍‌ରତ୍ ମସିହ୍ ମଉଦ୍ ଅ.ସଙ୍କର ଏକ ଐଶୀବାଣୀ ***"ୱସସିଅ ମକାନକା"*** । ଏହି ଇଲହାମ୍ ହଜ୍‌ରତ୍ ମସିହ୍ ମଉଦ୍ ଅ.ସଙ୍କୁ ବିଭିନ୍ନ ସମୟରେ ହୋଇଛି । ଆମମାନଙ୍କର ଏହିପରି ଅନୁଭୂତି ରହିଛି ଯେ, ଯେତେବେଳେ ଅଲ୍ଲାଃତାଲା ନିଜର ଭକ୍ତମାନଙ୍କୁ କୌଣସି ଆଦେଶ ଦିଅନ୍ତି ଯେ, ଏମିତି କର ସେତେବେଳେ ଏହାର ଅର୍ଥ ହେଉଛି ଯେ, ଅଲ୍ଲାଃତାଲା ଉକ୍ତ କାର୍ଯ୍ୟ ପାଇଁ ନିଜର ସହାୟତା ଏବଂ ସମର୍ଥନ ମଧ୍ୟ ଜଣାଇବେ ତଥା ଏଥିପାଇଁ ସାଧନ ମଧ୍ୟ ସୃଷ୍ଟି କରିଦେବେ ଏବଂ ଏହିପରି ଭାବେ ଉକ୍ତ କାର୍ଯ୍ୟଟି ସାଫଲ୍ୟ ମଣ୍ଡିତ ହୋଇ ସଂପୂର୍ଣ୍ଣ ହେବ ।

ଏଠାରେ ଅର୍ଥାତ୍ ଲଣ୍ଡନକୁ ଯେତେବେଳେ ଖଲିଫତୁଲ୍ ମସିହ୍ ରାବେ ର.ଅ ପ୍ରବାସ କରି ଆସିଥିଲେ ସେତେବେଳେ ଅଲ୍ଲାଃତାଲା ଅସାଧାରଣ ରୂପେ ନିଜର ବୈଚିତ୍ର୍ୟମୟ, ବିସ୍ତାରମୂଳକ ଲୀଳ ପ୍ରଦର୍ଶନ କରିଥିଲେ ଏବଂ ଜମାଅତେ ଅହମଦିୟକୁ ଇସଲାମାବାଦ୍ ଠାରେ

୨୫ ହେକ୍ଟର ବିଶିଷ୍ଟ ଜମି କିଣିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ଏହାପରେ ଅତିରିକ୍ତ ୬ ହେକ୍ଟର ଜମି ଉକ୍ତ ଜମି ସହିତ ସଂଲଗ୍ନିତ ଭାବେ ଆମକୁ ପ୍ରାପ୍ତ ହୋଇଅଛି । ଯେଉଁଠାରେ ଜଲସା ମଧ୍ୟ ହୋଇ ଆସୁଥିଲା । ହଜ଼ରତ୍ ଖଲିଫତୁଲ୍ ମସିହ୍ ଉର୍ ରାବେ ର.ଅ ଏଠାରେ ନିତ୍ୟ ଓ ନୈମିତ୍ତିକ ରୂପେ ଧାର୍ମିକ କେନ୍ଦ୍ର ସ୍ଥାପନ କରିବା ପାଇଁ ମନ ବଳାଇଥିଲେ । ସେ ଯାହା ହେଉ ନା କାହିଁକି ଅଲ୍ଲାଃତାଲା ପ୍ରତ୍ୟେକ କାର୍ଯ୍ୟ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ଓ ନିର୍ଘଣ୍ଟ ନିର୍ଧାରିତ କରିଥାଆନ୍ତି । ବର୍ତ୍ତମାନ ଅଲ୍ଲାଃତାଲା ଜମାଅତକୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଯେ, ଇସଲାମାବାଦ୍ ଠାରେ ଜମାଅତର ନୂତନ ଗୃହ ଓ କାର୍ଯ୍ୟାଳୟ ନିର୍ମାଣ ହୋଇଛି । କେତେକ ଗୃହ, କାର୍ଯ୍ୟାଳୟଗୁଡ଼ିକ ନୂତନ ସୁବିଧା ସହ ନିର୍ମିତ ହୋଇଅଛି । ନିୟମିତ ନମାଜ଼ ପଢିବା ପାଇଁ ମସଜିଦଟିଏ ମଧ୍ୟ ନିର୍ମିତ ହୋଇଅଛି । ମୋର ରହିବା ପାଇଁ ଗୃହ ମଧ୍ୟ ନିର୍ମିତ ତଥା ବ୍ୟବସ୍ଥା ହୋଇଅଛି । ସେହିପରି ୱକ଼ଫିନେ ଜ଼ିନ୍ଦେଗୀମାନଙ୍କ (ଉତ୍ସରଗୀକୃତ ଜୀବନ) ଓ କର୍ମଚାରୀମାନଙ୍କ ପାଇଁ ମଧ୍ୟ କ୍ୱାର୍ଟର ନିର୍ମିତ ହୋଇଛି । ସେହିପରି ଅଲ୍ଲାଃତାଲା ଯୋଜନାବଦ୍ଧ ଭାବରେ ଆମମାନଙ୍କ ପାଇଁ ଇସଲାମାବାଦରେ ଦୁଇ ମହଲା ବିଶିଷ୍ଟ ଏକ କୋଠାଘରର ବ୍ୟବସ୍ଥା କରିଦେଇଛନ୍ତି । ସେହିଠାରେ ବର୍ତ୍ତମାନ ଛାପାକଳ କାର୍ଯ୍ୟ କରୁଅଛି । ଏହି କୋଠାଘରଟି ଏବଂ କେତେକ କାର୍ଯ୍ୟାଳୟଗୁଡ଼ିକ ଦୁଇ କିମ୍ବା ତିନି ମାଇଲର ବ୍ୟବଧାନରେ ଅବସ୍ଥିତ ଅଟେ । ସେହିପରି ଏଠାରେ ଖୁଦ୍ଦାମୁଲ୍ ଅହମଦିୟାକୁ (ଅହମଦିୟା ଯୁବଗୋଷ୍ଠୀକୁ) ମଧ୍ୟ ଏକ ଦୀର୍ଘ ଭବନ କିଣିବାର ସୌଭାଗ୍ୟ ଅର୍ଜନ ହୋଇଛି । ଅଲ୍ଲାଃତାଲା ଏହା ପୂର୍ବରୁ ଜମାଅତକୁ ନିକଟସ୍ଥ ଜଲସା ଗାହ୍ ପାଇଁ ହଦିକତୁଲ୍ ମେହଦି ପରି ବିସ୍ତୃତ ଜମି କିଣିବାକୁ ସାମର୍ଥ୍ୟ ମଧ୍ୟ ପ୍ରଦାନ କରିଛନ୍ତି । ପୁନଶ୍ଚ ଜାମିଆ ଅହମଦିୟା ଯାହାକି ଲଣ୍ଡନ ଠାରେ ଅବସ୍ଥିତ ଥିଲା ତାହାକୁ ଏଠାରୁ ସ୍ଥାନାନ୍ତରିତ କରାଯାଇଇଛି ଏବଂ ଅଲ୍ଲାଃତାଲା ଅସାଧାରଣ ରୂପେ ସ୍ୱଳ୍ପ ମୂଲ୍ୟରେ, ଉପଯୁକ୍ତ ଏବଂ ଅନୁକୁଳ ପରିବେଶ ତଥା ନୂତନ ସୁବିଧା ସହ ଉପସ୍ଥିତ ଭୂମିକୁ ଜମାଅତକୁ ପ୍ରଦାନ କରିଛନ୍ତି । ଯାହାକି ୩୦ ହେକ୍ଟର ବ୍ୟାସାର୍ଦ୍ଧରେ ଅବସ୍ଥିତ । ସୁତରାଂ ଉପରୋକ୍ତ ଜମିଗୁଡ଼ିକ ଇସଲାମାବାଦ୍ ଠାରୁ ପ୍ରାୟ ୧୦ କିମ୍ବା ୨୦ ମିନିଟର ବ୍ୟବଧାନରେ ଅବସ୍ଥିତ । ଉପରୋକ୍ତ ସମସ୍ତ ଜମିଗୁଡ଼ିକୁ କିଣିବା ପାଇଁ ପୂର୍ବରୁ କୌଣସି ଯୋଜନା ପ୍ରସ୍ତୁତ ହୋଇ ନଥିଲା । ଏହା କେବଳ ଅଲ୍ଲାଃତାଲାଙ୍କର ହିଁ ଆଦୃଷ୍ଟ ଯୋଜନା ଥିଲା ଯେ, ଉପରୋକ୍ତ ସମସ୍ତ ଜମି ଗୋଟିଏ ସ୍ଥାନରେ, ଗୋଟିଏ ଅଞ୍ଚଳରେ ପାଖାପାଖି ଏକତ୍ରିତ ହୋଇ ଚାଲିଲା ଏବଂ ଅଲ୍ଲାଃତାଲା ମରକ଼ଜ଼ ସଙ୍ଗେ ସଙ୍ଗେ ଅନ୍ୟ ସମସ୍ତ ସୁବିଧାମାନ ଉପଲବ୍ଧ କରି ଚାଲିଥିଲେ । ଜାମିଆ ଅହମଦିୟା ମଧ୍ୟ ପାଖରେ ରହିବା ଉଚିତ୍ । ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିକୋଣରୁ ଉପରୋକ୍ତ ସମସ୍ତ ଭୂମିର ଗୋଟିଏ ସ୍ଥାନରେ ଓ ଗୋଟିଏ ଅଞ୍ଚଳରେ ଏକତ୍ରିତ ହେବାକୁ ମଙ୍ଗଳମୟ କରନ୍ତୁ । ଆମିନ୍ । ଯେପରିକି ମୁଁ କହିଅଛି ଯେ, ମୋର ନିବାସ ସ୍ଥାନ ଓ କାର୍ଯ୍ୟାଳୟ ମଧ୍ୟ ସେଠାରେ ନିର୍ମିତ ହୋଇ ସାରିଛି । ବଡ଼ ମସଜିଦ୍ ମଧ୍ୟ ନିର୍ମିତ ହୋଇଅଛି । ସୁତରାଂ ମୁଁ ମଧ୍ୟ ବର୍ତ୍ତମାନ ଲଣ୍ଡନରୁ ଇନଶା ଅଲ୍ଲାଃ କିଛି ଦିନରେ ଇସଲାମାବାଦକୁ ସ୍ଥାନାନ୍ତରିତ ହୋଇଯିବି । ଅଲ୍ଲାଃତାଲା ଇସଲାମାବାଦରୁ ଇସଲାମର ପ୍ରଚାରିକ କାର୍ଯ୍ୟକୁ ବିସ୍ତୃତ ଏବଂ ତ୍ୱରାନ୍ୱିତ କରନ୍ତୁ । ଆମିନ୍ । ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ପ୍ରତ୍ୟେକ ଦୃଷ୍ଟିରୁ ଏହି ପୌନଃପୁନିକ ଉଦ୍ଦେଶ୍ୟ ଓ ସ୍ଥାନାନ୍ତରଣକୁ ବାବରକତ୍ ବା ମଙ୍ଗଳମୟ କରନ୍ତୁ । ଆମିନ୍ ।

**KHULASA KHUTBA JUMA HUZOOR ANWAR a.b.a**

**.....................................................**

**12th April 2019**

**..........................**